ଓଡ଼ିଶା ଗେଜେଟ୍

ଅସାଧାରଣ ସଂଖ୍ୟା

ପ୍ରାଧିକାର ଦ୍ୱାରା ପ୍ରକାଶିତ

ସଂଖ୍ୟା 742 କଟକ, ମଙ୍ଗଳବାର, ମଇ 30, 2006 /ଜ୍ୟେଷ୍ଠ 9, 1928

## ସୂଚନା ଓ ଲୋକ ସଂପର୍କ ବିଭାଗ

### ଅଧିସୂଚନା

29 ମଇ, 2006

ଏସ୍.ଆର୍.ଓ. ସଂ.**251/2006** - ସୂଚନା ଅଧିକାର ଅଧିନିୟମ, 2005 (2005ର ଅଧିନିୟମ ସଂ.22)ର ଧାରା-27 ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ, ରାଜ୍ୟ ସରକାର, ଏତଦ୍ୱାରା ଓଡ଼ିଶା ସୂଚନା ଅଧିକାର ନିୟମାବଳୀ-2005କୁ ସଂଶୋଧନ କରିବା ନିମନ୍ତେ ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରିଛନ୍ତି ।

1. ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ -

   1) ଏହି ନିୟମାବଳୀ, ଓଡ଼ିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ, 2006 ଭାବରେ ଅଭିହିତ ହେବ ।

   2) ଓଡ଼ିଶା ଗେଜେଟ୍‌ରେ ପ୍ରକାଶନ ତାରିଖଠାରୁ ଏହା ବଳବତ୍ତର ହେବ ।

2. ଓଡ଼ିଶା ସୂଚନା ଅଧିକାର ନିୟମାବଳୀ, 2005ରେ ଥିବା ନିୟମ-11 ବଦଳରେ ନିମ୍ନଲିଖିତ ନିୟମ ପ୍ରତିସ୍ଥାପିତ ହେବ :-

"11. ରେଜିଷ୍ଟର ରଖିବା -

(1) ଲୋକ ସୂଚନା ଅଧିକାରୀ ତାଙ୍କୁ ମିଳିଥିବା ଦରଖାସ୍ତ ଓ ସେ ଯୋଗାଇ ଦେଇଥିବା ସୂଚନାଗୁଡ଼ିକର ବିସ୍ତୃତ ବିବରଣୀ ଲିପିବଦ୍ଧ କରିବା ପାଇଁ ସେ ଫର୍ମ 'ଚ'ରେ ଏକ ରେଜିଷ୍ଟର ରଖିବେ ଏବଂ ସୂଚନା ଯୋଗାଇ ଦେବା ପରେ ସେ କାର୍ଯ୍ୟାଳୟ ମୁଖ୍ୟଙ୍କୁ ସେ ବିଷୟ ଅବଗତ କରାଇବେ ଏବଂ ସୂଚନା ଯୋଗାଇ ଦେବା ସକାଶେ ଲୋକ ସୂଚନା ଅଧିକାରୀ ଯେପରି ସହାୟତା ମାଗିବେ ତାହା ଯୋଗାଇ ଦେବା କାର୍ଯ୍ୟାଳୟ ମୁଖ୍ୟଙ୍କର କର୍ତ୍ତବ୍ୟ ଅଟେ ଓ ଅଧିନିୟମର ଧାରା-4 (1ଖ) ଅନୁଯାୟୀ ଆଗୁଆ ସୂଚନା ଦେବା କ୍ଷେତ୍ରରେ ଆବଶ୍ୟକମତେ ଉକ୍ତ ରେଜିଷ୍ଟର ଜନସାଧାରଣ ଦେଖିବା ପାଇଁ ସର୍ବଦା ଉନ୍ମୁକ୍ତ ରହିବ ।

(2) ଅଧିନିୟମର ଧାରା-4 ଅନୁଯାୟୀ ଉକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଗୁଆ ଉନ୍ମୋଚିତ ହୋଇଥିବା ସେହିପରି ସୂଚନା ଦେଖିବା କିମ୍ବା ସେପରି ସୂଚନା ପାଇବା ନିମନ୍ତେ ତାହାଙ୍କ କାର୍ଯ୍ୟାଳୟକୁ ଆସିଥିବା ଜନସାଧାରଣଙ୍କର ଦୈନନ୍ଦିନ ରେକର୍ଡ଼ ରଖିବା ପାଇଁ ପ୍ରତ୍ୟେକ ସରକାରୀ କର୍ତ୍ତୃପକ୍ଷ ଗୋଟିଏ ରେଜିଷ୍ଟର ରଖିବେ ।

(3) ଲୋକ ସୂଚନା ଅଧିକାରୀ ସୂଚନା ଯୋଗାଇ ଦେବା ବାବଦରେ ଗ୍ରହଣ କରୁଥିବା ଟଙ୍କାର ସବିସ୍ତାର ବିବରଣୀ ଲିପିବଦ୍ଧ କରିବା ପାଇଁ ଫର୍ମ-'ଛ'ରେ ଏକ ନଗଦ ହିସାବ ଖାତା ରଖିବେ ଏବଂ ସଂପୃକ୍ତ କାର୍ଯ୍ୟାଳୟ ମୁଖ୍ୟ ସ୍ଥିର କରିବାମତେ ସେପରି ହିସାବ ଶୀର୍ଷରେ ବା ସେପରି ଅଧିକାରୀଙ୍କ ନାମରେ କୌଣସି ଅନୁସୂଚିତ ବ୍ୟାଙ୍କରେ ଉକ୍ତ ଅର୍ଥ ଜମା ରଖିବେ ।

3. ଉକ୍ତ ନିୟମାବଳୀର, ଫର୍ମ 'କ'ରେ -

(i) ତାଲିକା 5ର (ଘ)ରେ ଥିବା ତଥ୍ୟ ବଦଳରେ ନିମ୍ନୋକ୍ତ ତଥ୍ୟ ପ୍ରତିସ୍ଥାପିତ ହେବ :-

"(ଘ) ସୂଚନାଟି କିପରି ନେବାକୁ ଚାହାନ୍ତି ?" ଡାକଦ୍ୱାରା ବ୍ୟକ୍ତିଗତ ଭାବେ / ଇ-ମେଲ୍‌ରେ

(ଡାକ ଦ୍ୱାରା ନେଲେ, ଏହି ଖର୍ଚ୍ଚ ଦରଖାସ୍ତକାରୀ ବହନ କରିବେ); ଏବଂ

(ii) ତାଲିକା 6ରେ ପୂରଣ କରାଯାଇଥିବା ସମସ୍ତ ତଥ୍ୟ ନିମ୍ନୋକ୍ତ ତଥ୍ୟ ବଦଳରେ ନିମ୍ନଲିଖିତ ତଥ୍ୟ ପ୍ରତିସ୍ଥାପିତ ହେବ :-

"6 କେଉଁ ଠିକଣା/ଇ-ମେଲ୍ ଆଇ.ଡି.ରେ ସୂଚନା ପଠାଯିବ ଓ ତାହା କେଉଁ ଆକାରରେ ପଠାଯିବ ।"

4. ଉକ୍ତ ନିୟମାବଳୀରେ ଥିବା ଅନୁସୂଚୀ ବଦଳରେ ନିମ୍ନଲିଖିତ ଅନୁସୂଚୀ ପ୍ରତିସ୍ଥାପିତ ହେବ :-

## ଅନୁସୂଚୀ

(ନିୟମ 4 ଓ 7 ଦ୍ରଷ୍ଟବ୍ୟ)

### ସୂଚନା ଯୋଗାଇ ଦେବା ନିମନ୍ତେ ଦାଖଲ କରିବାକୁ ଥିବା ଫିସ୍ / ଅର୍ଥର ପରିମାଣ

### ଭାଗ - I

| | ପରିମାଣ | ଦାଖଲ ପଦ୍ଧତି |
|---|---|---|
| (କ) ଦରଖାସ୍ତ ଫିସ୍ : | | |
| | (1) | (2) |
| (i) ସୂଚନା ପାଇବା ନିମନ୍ତେ ଦରଖାସ୍ତ ଫିସ୍ | ପ୍ରତି ଦରଖାସ୍ତକୁ ଦଶ ଟଙ୍କା | ଟ୍ରେଜରି ଚାଲାଣ/ନଗଦ ଅର୍ଥ |
| (ii) ପ୍ରଥମ ଅପିଲ୍ ନିମନ୍ତେ ଦରଖାସ୍ତ ଫିସ୍ | କୋଡ଼ିଏ ଟଙ୍କା | କୋର୍ଟ ଫି ଷ୍ଟାମ୍ପ |
| (iii) ଦ୍ୱିତୀୟ ଅପିଲ୍ ନିମନ୍ତେ ଦରଖାସ୍ତ ଫିସ୍ | ପଚିଶ ଟଙ୍କା | କୋର୍ଟ ଫି ଷ୍ଟାମ୍ପ |

### ଭାଗ - II

| | | |
|---|---|---|
| (ଖ) ସୂଚନା ପ୍ରଦାନ ଫିସ୍ : | | |
| (i) A4 କିମ୍ବା A3 ସାଇଜ୍ କାଗଜର ଗୋଟିଏ ପୃଷ୍ଠା ନକଲ ପାଇଁ | ପ୍ରତିପୃଷ୍ଠା ପାଇଁ ଦୁଇ ଟଙ୍କା | ନଗଦ ଅର୍ଥ |
| (ii) A4 କିମ୍ବା A3 ସାଇଜ୍‌ଠାରୁ ବଡ଼ କାଗଜର ଗୋଟିଏ ପୃଷ୍ଠା | ଗୋଟିଏ ନକଲର ପ୍ରକୃତ ମୂଲ୍ୟ | ନଗଦ ଅର୍ଥ |

| | | |
|---|---|---|
| (iii) ନଥିପତ୍ର ଦେଖିବା | ପ୍ରଥମ ଘଣ୍ଟା ପାଇଁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ ମାତ୍ର ତା'ପରେ ପ୍ରତି 15 ମିନିଟ୍ (କିମ୍ବା ତାହାର ଆଂଶିକ ସମୟ) ପାଇଁ ପାଞ୍ଚ ଟଙ୍କା | ନଗଦ ଅର୍ଥ |
| | (1) | (2) |
| (iv) କଭର ସହିତ ସିଡି | ପ୍ରତ୍ୟେକ ସିଡି ପାଇଁ ପଚାଶ ଟଙ୍କା | ନଗଦ ଅର୍ଥ |
| (v) ଫ୍ଲପି ଡିସ୍କ (1.44 ଏମ୍.ବି.) | ପ୍ରତ୍ୟେକ ଫ୍ଲପି ପାଇଁ ପଚାଶ ଟଙ୍କା | ନଗଦ ଅର୍ଥ |
| (vi) ମାନଚିତ୍ର ଏବଂ ନକ୍ସା | ଶ୍ରମ, ଉପକରଣ, ଯନ୍ତ୍ରପାତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚକୁ ହିସାବ କରି, ଲୋକ ସୂଚନା ଅଧିକାରୀ ଯଥାର୍ଥ ଦେୟର ପରିମାଣ ସ୍ଥିର କରିବେ | ନଗଦ ଅର୍ଥ |
| (vii) ଭିଡ଼ିଓ କ୍ୟାସେଟ୍/ମାଇକ୍ରୋଫିଲ୍ମ/ ମାଇକ୍ରୋଫିସ୍ | - ଏଜନ - | ନଗଦ ଅର୍ଥ |
| (viii) ଉପକରଣର ପ୍ରାମାଣିକ ନମୁନା କିମ୍ବା ମଡେଲ | ନମୁନା କିମ୍ବା ମଡେଲର ପ୍ରକୃତ ମୂଲ୍ୟ | ନଗଦ ଅର୍ଥ |
| (ix) ଛପା ହୋଇଥିବା ଫର୍ମରେ ସୂଚନା | ସେପରି ପ୍ରକାଶନ ନିମନ୍ତେ ନିର୍ଦ୍ଧାରିତ ମୂଲ୍ୟ | ନଗଦ ଅର୍ଥ |

ବି.ଦ୍ର.- ସମସ୍ତ ଅର୍ଥ ପ୍ରଦାନ କ୍ଷେତ୍ରରେ ଉଚିତ ଓ ଅଧିପ୍ରମାଣିତ ଅର୍ଥପ୍ରାପ୍ତି ରସିଦ୍ ପ୍ରଦାନ କରାଯିବ । ଦରଖାସ୍ତ ଫର୍ମ 'କ'ରେ କାର୍ଯ୍ୟାଳୟ ଅର୍ଥପ୍ରାପ୍ତି ରସିଦ୍ ସଂଖ୍ୟା ଉଲ୍ଲେଖ କରିବେ ।

ଟିପ୍ପଣୀ - ସୂଚନା ଓ ଲୋକ ସଂପର୍କ ବିଭାଗର ଅଧିସୂଚନା ସଂଖ୍ୟା 27163, ତା.1 ଅକ୍ଟୋବର 2005 (ଏସ୍.ଆର୍.ଓ. ସଂଖ୍ୟା 477/2005, 1 ଅକ୍ଟୋବର 2005)ର ଓଡ଼ିଶା ଗେଜେଟ୍‌ରେ ମୂଳ ନିୟମାବଳୀ ପ୍ରକାଶିତ ହୋଇଥିଲା ।

(ସଂଖ୍ୟା- 16076)

ରାଜ୍ୟପାଳଙ୍କ ଆଦେଶକ୍ରମେ

(ଦିଗମ୍ବର ମହାନ୍ତି)

କମିଶନର ତଥା ଶାସନ ସଚିବ